# Akashvani, Sambalpur

## SAMBALPURI NEWS BULLETIN

### 19 February 2025- 6.47- 6.52 am.

**********************************************

ଯୁକ୍ତ ଦୁଇ ପରୀକ୍ଷା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ କଳା, ଆଉ ବାଣିଜ୍ୟ ବିଭାଗ୍‌ର ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେବା । ଗଲାକାଏଲ୍‌ଠାନୁ ବିଜ୍ଞାନ୍ ବିଭାଗ୍‌ର ପରୀକ୍ଷା ମୁଲ୍ ହେଇଛେ । ବିଜ୍ଞାନ୍ ବିଭାଗ୍‌ର ମାତୃଭାଷା ପରୀକ୍ଷାଥି ୧ ଲାଖ୍ ୧୪ ହଜାର୍ ୯ ଶହ ୮୦ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ । ରାଏଜେ ଇଥର ୧୨ ଶହ ୭୬ ଟା ପରୀକ୍ଷା କେନ୍ଦ୍ର କରାଯାଇଛେ । କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଳକ ଶିକ୍ଷାଥି ୩ ଲାଖ୍ ୯୩ ହଜାର୍ ୬ ଶହ ୧୮ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ । ଗଲାକାଏଲ୍ ପରୀକ୍ଷା ଶାନ୍ତିଶୃଙ୍ଖଲାର୍ ସହେତେ ହେଇଥିବାର୍ ସିଏଚ୍‌ଏସ୍‌ସି ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ କୁମାର୍ ପରିଡ଼ା ସୂଚ୍‌ନା ଦେଇଛନ୍ ।

ମେଟ୍ରିକ୍ ବୋର୍ଡ଼ ପରୀକ୍ଷା         ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୧ ତାରିଖ୍‌ନୁ ହେବାର୍‌କେ ଥିବାର୍ ମେଟ୍ରିକ୍ ବୋର୍ଡ଼ ପରୀକ୍ଷା ଲାଗି ବଛାୟାଇଥିବା ନୋଡ଼ାଲ୍ ସେଂଟର୍ ଆର୍ ସମ୍ବେଦନ୍‌ଶୀଲ୍ ପରୀକ୍ଷା କେନ୍ଦ୍ର ମାନ୍‌କର୍ ଭିଡ଼ିଓ ସିଧାପ୍ରସାରଣ୍ ଆଏଜ୍‌ଠାନୁ ପରୀକ୍ଷାମୂଲକ୍ ଭାବେ କରାୟିବା । ମାଧ୍ୟମିକ ଶିକ୍ଷା ପରିଷଦ୍ କର୍ତ୍ତୃପକ୍ଷ ଆଉ ଦାୟିତ୍ୱଥି ଥିବା ଅଧିକାରୀମାନେ ୬ ଶହ ଟା କେନ୍ଦ୍ରର୍ ଲାଇଭ୍ ଭିଡ଼ିଓ ଅନୁଧ୍ୟାନ୍ କର୍‌ବେ ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆୟାଇଛେ । ସେଆଡ଼େ ପରୀକ୍ଷା ଲାଗି ଗଲାକାଏଲ୍‌ଠାନୁ ସବୁ  ଦୂରିଆ ନୋଡ଼ାଲ୍ ସେଂଟର୍‌ମାନ୍‌କୁ ପ୍ରଶ୍ନପତ୍ର ପୁହୁଁଚି ସାରିଛେ । ଆଏଜ୍  କଟକ୍ ଭୁବ୍‌ନେଶ୍ୱର୍ ବାଗିର୍ ଆଖର୍ ପାଖର୍ ଜିଲ୍ଲାର୍ ସେଂଟର୍‌ମାନ୍‌କୁ ପ୍ରଶ୍ନପତ୍ର ପୁହୁଁଚିୟିବା ବଲି ବୋର୍ଡ଼ ତର୍‌ଫୁ କୁହାୟାଇଛେ ।

ଜାତୀୟସ୍ତରୀୟ ହସ୍ତତନ୍ତ ମେଳା          I&PR

ଭୁବ୍‌ନେଶ୍ୱର୍ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାନେ ବୟନିକା ତର୍‌ଫୁ ହେବାର୍‌କେ ଥିବା ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଆଏଜ୍ ମୁଲ୍ ହେବା । ବୟନ ଆଉ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ୍

ଦେଇକରି ମେଲାକେ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ମେଲା ଆଏବା ଏପ୍ରିଲ୍ ୧ ତାରିଖ୍‌ତକ୍ ହେବାର୍ ଥିବାର୍ ମେଲା ସଖାଲର୍ ସାଢ଼େ ୧୧ ବଜେନୁ ମୁଲ୍ ହେଇକରି ରାତିର୍ ସାଢ଼େ ୯ ବଜେତକ୍ ଚାଲ୍‌ବା ।

ଅବକାରୀ ବିଭାଗ୍ ସମୀକ୍ଷା- ମନ୍ତ୍ରୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଘ୍‌ରୁ ଚାଲୁଥିବା ବହୁତ୍‌ଟେ ବେଆଇନ୍ ମଦ୍ କାର୍‌ବାର୍‌କେ ରୁକ୍‌ବାର୍ ସହେତେ ଇଥି ସମ୍ପୃକ୍ତ ଲୁକ୍‌କର୍ ଉପ୍‌ରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯାଇଛେ ବଲି ଅବକାରୀ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ଅବକାରୀ ବିଭାଗ୍‌ର ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଜିଲ୍ଲାଓ୍ୱାରି ଏନ୍‌ଫୋର୍ସମେଂଟ୍ କାର୍ଯ୍ୟକଳାପ, ରାଜସ୍ୱ ଆଦାୟ, ମାମ୍‌ଲା ସଂଖ୍ୟା, ମହୁଲ୍ ଫୁଲ୍ ବିକ୍ରି ଆର୍ ଭିନ୍ ଭିନ୍ ଦେଶୀ ମଦ୍ ତିଆରି ଜିନିଷ୍ ଜବତ୍ ବାବ୍‌ଦେ ଜିଲ୍ଲା ଅବକାରୀ ଅଧିକ୍ଷକମାନ୍‌କୁ ତଥ୍ୟ ମାଗିଥିଲେ । ଇତାର୍‌ସହେତେ ବିଭାଗ୍ ନ ଖାଲି ପଡ଼ିଥିବା ପଦ୍ ପୂରଣ୍ କର୍‌ବାର୍ ଦିଗେ ପ୍ରକିୟା ମୁଲ୍ ହେବାର୍ ସଙ୍ଗେ

ଅଧିକାରୀ ଆର୍ କର୍ମଚାରୀମାନ୍‌କୁ ତାଲିମ୍ ଦେବାର୍ ଉପ୍‌ରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

ଛାତ୍ରୀ ମୃତ୍ୟୁ -ଉଚ୍ଚସ୍ତରୀୟ କମିଟି ଗଠନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ବିଶ୍ୱବିଦ୍ୟାଳୟ ନ ଛାତ୍ରୀ ମୃତ୍ୟୁ ଘଟ୍‌ନାର୍ ତଦନ୍ତ୍ ଲାଗି ରାଜ୍ୟ ସର୍‌କାର୍ ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କରିଛନ୍ । ଇତାର୍‌ସହେତେ ବିଶ୍ୱବିଦ୍ୟାଳୟର୍ ସୁରକ୍ଷା କର୍ମୀଙ୍କର୍ ଖରାପ୍ ବେଭାର୍ ବାବଦ୍ ଅଭିଯୋଗ୍‌ର ଭିଲ୍ ତଦନ୍ତ୍ କରାଯିବା ବଲି କୁହାଯାଇଛେ । ଘଟ୍‌ନାଥି ଜଡ଼ିତ୍ ଥିବା ସମ୍‌କର୍ ବିରୋଧ୍ ନ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବାର୍‌କେ ନିଷ୍ପତି ନିଆଯାଇଛେ ବଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍

ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ରେଲ୍ କର୍ମଚାରୀ ପୁରସ୍କୃତ ଆର୍‌ଏନ୍‌ୟୁ/ ସମ୍ବଲପୁର

ରେଲ୍‌ବାଇ ନିରାପତା ଲାଗି ୨ ଝନ୍ କର୍ମଚାରୀ ପୁରସ୍କୃତ୍ ହେଇଛନ୍ । ସୁରକ୍ଷିତ୍ ଟ୍ରେନ୍ ଚଲାଚଲ୍ ଆଉ ନିରାପତା ନିୟମ୍ ମାନିକରି ନିଜର୍ କାମ୍ କରିଥିବାର୍‌ନୁ ସେମାନ୍‌କୁ ଇ ପୁରସ୍କାର୍ ଦିଆଯାଇଛେ । ସେମାନେ ହେଲେ ବରିଷ୍ଠ ଗୁଡ୍‌ସ୍ ଟ୍ରେନ୍ ମେନେଜର୍ ଉପେନ୍ଦ୍ର କୁମାର୍ ଆଉ ଟ୍ରାକ୍ ମେନେଜର୍ ଅନନ୍ତ

ପଲ୍‌ଦିଆ, ସମ୍ବଲ୍‌ପୁର୍ ରେଲ୍‌ମଣ୍ଡଲ୍ ପ୍ରବନ୍ଧକ୍ ତୁଷାରକାନ୍ତ ପାଣ୍ଡେ ସେମାନ୍‌କୁ ପ୍ରମାଣ୍‌ପତ୍ର ସହେତେ ନଗଦ୍ ପୁରସ୍କାର୍ ଟଙ୍କା ଦେଇକରି ସମ୍ମାନିତ୍ କରିଛନ୍ ।

ଖାସ୍ ଟ୍ରାଫିକ୍ ନିୟନ୍ତ୍ରଣ୍ ବ୍ୟବସ୍ଥା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଇଲାକା ନ ଟ୍ରାଫିକ୍ ନିୟନ୍ତ୍ରଣ୍ ସହେତେ ସହର୍ ଉପ୍‌ରେ କଡ଼ା ନଜର୍ ରଖ୍‌ବାର୍ ଲାଗି ଖାସ୍ ଟ୍ରାଫିକ୍ ନିୟନ୍ତ୍ରଣ୍ ବ୍ୟବସ୍ଥା ମୁଲ୍ ହେବା । ଗଲାକାଏଲ୍ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆର୍ ଠିକା ସଂସ୍ଥା ଭିତ୍‌ରେ ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ଇ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସହରେ ବହୁତ୍ ଦିନ୍ ହେଲା ଖରାପ୍ ଅବସ୍ଥାଥି ଥିବା ଟ୍ରାଫିକ୍ ବ୍ୟବସ୍ଥାଥି ସୁଧାର୍ ଆସିପାର୍‌ବା । ପ୍ରକଳ୍ପ ଲାଗି ୪ କୋଟି ୯୬ ଲାଖ୍ ଟଙ୍କା ଖର୍ଚ୍ଚା ହେବା ଆଉ ଆଏବା ଏପ୍ରିଲ୍ ତାରିଖ୍‌ନୁ ଇ ପ୍ରକଳ୍ପକେ କାର୍ଯ୍ୟକ୍ଷମ କରାଯିବା ବଲି ଯୋଜ୍‌ନା କରାଯାଉଛେ ବଲି ମହାନଗର୍ ନିଗମ୍ ଆୟୁକ୍ତ ବେଦ୍‌ଭୂଷଣ୍ ସୂଚ୍‌ନା ଦେଇଛନ୍ ।

ପାରା ଆଥ୍‌ଲେଟିକ୍ ଚମ୍ପିଅନ୍‌ସିପ ଆର୍‌ଏନ୍‌ୟୁ/ ସମ୍ବଲପୁର

ତାମିଲ୍‌ନାଡୁର୍ ଚେନ୍ନାଇଠାନେ ଚାଲିଥିବା ୨୩ ନମ୍ବର୍ ପାରା ଆଥ୍‌ଲେଟିକ୍ ଚମ୍ପିଅନ୍‌ସିପ୍‌ଥି ଗଲାକାଏଲ୍ ଓଡ଼ିଶାକେ ଗୁଟେ କାଂସ୍ୟପଦକ୍ ମିଲିଛେ । ଟି-ଟୁଏଲ୍‌ଭ ଶହେ ମିଟର୍ ଦୌଡ଼ଥି ଓଡ଼ିଶାର୍ ଜାନକୀ ଓରାମ୍ ରାଜ୍ୟର୍ ଲାଗି ପହେଲା ପଦକ୍ ଜିତିଛନ୍ ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ଥି ଗଲାକାଏଲ୍ ଭାରତ୍ ଆଉ ପୁରୁଷ ଦଲ୍ ପରାଜିତ ହେଇଛନ୍ । ମହିଳ ଦଲ୍ ସ୍ପେନ୍‌ନୁ ୪-୩ ଗୋଲ୍‌ଥି ଆର୍ ପୁରୁଷ ଦଲ୍ ୪-୧ ଗୋଲ୍‌ଥି ଜର୍ମାନୀନୁ ହାରିଛନ୍ । ସେନ୍ତା ଇଂଲଣ୍ଡ ପୁରୁଷ ଦଲ୍ ଟାଇବ୍ରେକର୍‌ଥି ୧-ଶୂନ୍ ଗୋଲ୍ ଦେଇକରି ସ୍ପେନ୍‌କେ ହରେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍‌ଠାନୁ ୫ ଦିନ୍‌ତକ୍ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷାର୍ ସମ୍ଭାବନା ରହିଛେ । ଆଏବା କାଏଲ୍‌ଠାନୁ

ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଭିଲ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।